ଧରିତ୍ରୀ
DHARITRI
ସୋମବାର, ୧୧ ଜୁଲାଇ, ୨୦୨୨



## ସଂକ୍ଷେପରେ

### ପାଣିଟାଙ୍କିରୁ ଖସି ଶ୍ରମିକ ଗୁରୁତର

**ଛେଣ୍ଡିପଦା,୧୦।୭(ସ୍ୱ.ପ୍ର.):** ଛେଣ୍ଡିପଦା ଥାନା ପାତ୍ରପଡା ଦେବୀନଗର ପାହାଡ଼ ନିକଟରେ ମେଗାପାନୀୟ ଜଳ ପ୍ରକଳ୍ପ ନିମନ୍ତେ ନିର୍ମାଣ ହେଉଥିବା ପାଣି ଟାଙ୍କି ଉପରୁ ରବିବାର ଜଣେ ଶ୍ରମିକ ଖସିପଡ଼ି ଗୁରୁତର ହୋଇଛନ୍ତି। ସେ ହେଲେ ପାତ୍ରପଡା ଗ୍ରାମର ଗଙ୍ଗାଧର ସେଠୀ (୪୨)। ଘଟଣାରୁ ପ୍ରକାଶ, ଛେଣ୍ଡିପଦା ବ୍ଲକରେ ମେଗା ପାନୀୟ ଜଳ ପ୍ରକଳ୍ପ ପାଇଁ ଗ୍ରାମ୍ୟ ଜଳଯୋଗାଣ ବିଭାଗ ତତ୍ତ୍ୱାବଧାନରେ ବିଭିନ୍ନ ପଞ୍ଚାୟତରେ ପାଣି ଟାଙ୍କି ନିର୍ମାଣ କରାଯାଉଛି। ପାତ୍ରପଡା ଦେବୀନଗର ପାହାଡ ନିକଟରେ ପାଣି ଟାଙ୍କି ନିର୍ମାଣ କାର୍ଯ୍ୟ ଚାଲୁ ରହିଥିଲା। ଉକ୍ତ ଟାଙ୍କିରେ ଗଙ୍ଗାଧର ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ରବିବାର ଗଙ୍ଗାଧର ପାଣି ଟାଙ୍କିର ୬୦ ଫୁଟ୍ ଉପରକୁ ଚଢ଼ି କାର୍ଯ୍ୟ କରୁଥିବାବେଳେ ହଠାତ୍ ତଳେ ପଡି ଗୁରୁତର ହୋଇଥିଲେ। ଏହାଦେଖି ଅନ୍ୟ ଶ୍ରମିକମାନେ ତାଙ୍କୁ ଆମ୍ବୁଲାନ୍ସରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଉଚ୍ଚସ୍ଥାନରେ ବିପଦସଙ୍କୁଳ ଅବସ୍ଥାରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କୁ ସୁରକ୍ଷା ଉପକରଣ ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

### କଣ୍ଡକ୍ଟରଙ୍କୁ ଆକ୍ରମଣ ଘଟଣା, ୨ ଗିରଫ

**ବଇଣ୍ଡା,୧୦।୭(ଡି.ଏନ.ଏ.):** କିଶୋରନଗର ବ୍ଲକ ହଣ୍ଡପା ଥାନା ନାକିଚି ଛକଠାରେ ଶୁକ୍ରବାର ଅନୁଗୋଳ ଥାନା ହେମସରପଡା ଅଞ୍ଚଳର ବସ୍ କଣ୍ଡକ୍ଟର ସୁବାସ ଚନ୍ଦ୍ର ସେଠୀଙ୍କୁ ଆକ୍ରମଣ ହୋଇଥିଲା। ଏହି ଘଟଣାରେ ରବିବାର ହଣ୍ଡପା ଥାନା ସେକେଣ୍ଡ ଅଫିସର ଚଞ୍ଚଳା ନାୟକ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ ହଣ୍ଡପା ଥାନା ହଣ୍ଡପା ଥାନା ଚୂଳିଆପୁର ଗ୍ରାମର ପିଙ୍କୁ ପ୍ରଧାନ ଏବଂ ରାକେଶ ପ୍ରଧାନ। ସେମାନଙ୍କ ନାମରେ ନମ୍ବର ୧୭୬/୨୨ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି। ଏଥିରେ ସମ୍ପୃକ୍ତ ଥିବା ଅନ୍ୟ ୪ ଜଣ ଅଭିଯୁକ୍ତ ଫେରାର ଥିବା ପୋଲିସ କହିଛି।

### ସାମାନ୍ୟ ବଚସାରୁ ସଂଘବଦ୍ଧ ଆକ୍ରମଣ

**କାମାକ୍ଷାନଗର,୧୦।୭(ଡି.ଏନ.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା କାଦୁଆ ଶବର ସାହିରେ ରବିବାର ସାମାନ୍ୟ ବଚସାରୁ ଜଣେ ଯୁବକଙ୍କୁ ଭଙ୍ଗା ବୋତଲରେ ଆକ୍ରମଣ ହୋଇଛି। ପ୍ରକାଶ ଯେ, ଶବର ସାହିର କାଳିଆ ଦେହୁରୀ ୮ ବର୍ଷରେ ଶିଶୁପୁତ୍ରକୁ ଧରି ଗ୍ରାମର ଏକ ବିବାହ ଭୋଜିରେ ଯୋଗଦେବା ପାଇଁ ଯାଇଥିଲେ। ସେହି ସମୟରେ କରୁଣା ଦେହୁରୀ, ଭରତ ଦେହୁରୀ, ପାଗେଲା ଦେହୁରୀ ଏକ ମୋଟରସାଇକେଲରେ କାଳିଆଙ୍କ ପାଖକୁ ମାଡ଼ି ଯାଇଥିଲେ। କାଳିଆ ପ୍ରତିବାଦ କରିବାରୁ ସଂପୃକ୍ତ ଯୁବକମାନେ କାଳିଆଙ୍କୁ ମାଡ ମାରିଥିଲେ। ଏହି ସମୟରେ ନବ ଓରଫ ନବୀନା ଦେହୁରୀ (୨୮) ଦୌଡିଆସି କାଳିଆଙ୍କୁ ରକ୍ଷା କରିବାବେଳେ ସମ୍ପୃକ୍ତ ଯୁବକଙ୍କ ସମେତ ବିକାଶ ଦେହୁରୀ ନବୀନାଙ୍କୁ ଘୋଷାଡି ନେଇ ଆକ୍ରମଣ କରିଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ନବୀନାଙ୍କ ଦେହରେ ବୋତଲ ମାଡରେ ବିଭିନ୍ନ ଜାଗାରେ କ୍ଷତ ହୋଇଥିବାବେଳେ ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଖବରଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇ ନାହିଁ। କାମାକ୍ଷାନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ସୁବର୍ଣ୍ଣରେ ଝଟକିଲେ ଶ୍ରୀଜୀଉ

**ଢେଙ୍କାନାଳ/ ଅନୁଗୋଳ ଅଫିସ,୧୦।୭**

ବଡ଼ ଏକାଦଶୀ ଅବସରରେ ରବିବାର ରଥ ଉପରେ ସୁନାବେଶରେ ଝଟକିଛନ୍ତି ଶ୍ରୀଜୀଉ। ତିନି ଠାକୁରଙ୍କ ଏହି ଦୁର୍ଲଭ ବେଶ ଦେଖି ଢେଙ୍କାନାଳ ଓ ଅନୁଗୋଳ ଜିଲାର ଶ୍ରଦ୍ଧାଳୁମାନେ ଭାବବିହ୍ୱଳିତ ହୋଇପଡ଼ିଥିଲେ। ଭକ୍ତିରେ ଗଦ୍‌ଗଦ୍ ଅନେକ ଭକ୍ତଙ୍କ ଆଖିରୁ ଝରିପଡ଼ିଥିଲା ଆନନ୍ଦାଶ୍ରୁ।

ଢେଙ୍କାନାଳ ରଥଗଡାରେ ରଥ ଉପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସୁନାବେଶ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟା ୭ଟାରେ ସୁନାବେଶରେ ଶ୍ରୀଜୀଉ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ସକାଳେ ବଡ଼ ଏକାଦଶୀରେ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁଙ୍କ ଲମ୍ବାଧାଡ଼ି ଲାଗିଥିଲା। ସନ୍ଧ୍ୟା ୭ଟାରେ ଠାକୁରଙ୍କ ସୁନାବେଶ ଅନୁଷ୍ଠିତ ହେବାପରେ ରାଣୀ ସାବିତ୍ରୀ ଦେବୀ ଓ ଯୁବରାଜ ଅମରଜ୍ୟୋତି ସିଂହଦେଓ ଶ୍ରୀଜୀଉଙ୍କୁ ପୂଜାର୍ଚ୍ଚନା ସହ ଆଳତି କରିଥିଲେ। ଏହାପରେ ଶ୍ରଦ୍ଧାଳୁମାନେ ଲମ୍ବା ଧାଡ଼ିରେ ଶ୍ରୀଜୀଉଙ୍କୁ ଦର୍ଶନ କରିଥିଲେ। ଜିଲାପାଳ ସରୋଜ କୁମାର ସେଠୀ, ଉପଜିଲାପାଳ ତଥା ଦେବୋତ୍ତର ଅଧିକାରୀ ସ୍ନିଗ୍ଧାରାଣୀ ଧଳ, ତହସିଲଦାର ଅନୁପମା ମୁର୍ମୁ ପ୍ରମୁଖ ଠାକୁରଙ୍କ ସୁନାବେଶ ଦର୍ଶନ କରିଥିଲେ। ସୁନାବେଶ ପାଇଁ ରଥ ଚାରିପଟେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ସୂଚନାଯୋଗ୍ୟ, ଢେଙ୍କାନାଳରେ ୨୦୦୫ ମସିହାରୁ ରଥ ଉପରେ ମହାପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହେଉଥିବା ବେଳେ ଏଥିରେ ୪କେଜିରୁ ଉର୍ଦ୍ଧ୍ୱ ସୁନା ଅଳଙ୍କାର ଲାଗୁଥିବା ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀଙ୍କ ସୂତ୍ରରୁ ଜଣାପଡିଛି। ସେହିପରି ଅନୁଗୋଳ ଶୈଳଶ୍ରୀକ୍ଷେତ୍ରରେ ଶ୍ରୀଜୀଉମାନଙ୍କ ସୁନାବେଶ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟା ୬ଟା ୩୫ରେ ତିନି ଠାକୁରଙ୍କ ସୁନାବେଶ ଅନୁଷ୍ଠିତ ହୋଇଥିଲା। ଏଥିପାଇଁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା। ସୋମବାର ଅପରାହ୍ନରେ ଅଧରପଣା ଲାଗି କରାଯିବା ପରେ ଶ୍ରୀଜୀଉମାନଙ୍କ ନୀଳାଦ୍ରୀ ବିଜେ କରାଯିବ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ପାଗ ଅନୁକୂଳ ଥିବାରୁ ସୁନାବେଶ ଦେଖିବାକୁ ବହୁ ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଥିଲା। ଏହି ଅବସରରେ ଶୈଳଶ୍ରୀକ୍ଷେତ୍ରରେ ଆୟୋଜନ କରାଯାଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଭଜନ ସମାରୋହରେ କଣ୍ଠଶିଳ୍ପୀ ନରେନ୍ଦ୍ର କୁମାର ଓ ସହଯୋଗୀମାନେ ଗୋଟିଏ ପରେ ଗୋଟିଏ ଲୋକପ୍ରିୟ ଭଜନ ଗାଇ ଭକ୍ତଙ୍କୁ ବିଭୋର କରିଥିଲେ। ଧନ୍ୟ ତୋର ବାଙ୍କ ଚାହାଣୀ..., ଜଗା କାଳିଆ ଧରିଛି ହାତେ ଚୁଡି ପସରା..., ସକ୍ଷୀ ଲୋ କଳା ଆଖିକୁ ଦେଖି ମୋ ମନ ଯାଉଛି ଲାଖି.... ଆଦି ଭଜନ ଲୋକଙ୍କ ମନକୁ ବେଶ୍ ଛୁଇଁଯାଇଥିଲା। ସେହିପରି ଆଠମଲ୍ଲିକ ରଥଖଳାରେ ରହିଥିବା ରଥ ଉପରେ ମହାପ୍ରଭୁ ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଦିନତମାମ ମହାପ୍ରଭୁଙ୍କ ଦର୍ଶନ ପାଇଁ ପ୍ରବଳ ଭିଡ ଲାଗି ରହିଥିଲା। ସୋମବାର ପୂର୍ବାହ୍ନ ୧୦ଟାରେ ଚତୁର୍ଦ୍ଧାମୂର୍ତ୍ତି ଧାଡି ପହଣ୍ଡିରେ ରତ୍ନବେଦୀକୁ ବାହୁଡ଼ିବେ ବୋଲି ପୂଜକ ଚିତ୍ତରଞ୍ଜନ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ସୁନାବେଶ ଅବସରରେ ଦେବୋତ୍ତର ବିଭାଗ ତରଫରୁ ଦୃଷ୍ଟିହୀନ ଭଜନ ସନ୍ଧ୍ୟା ଆୟୋଜିତ ହୋଇଥିଲା। ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କୁଳମଣି ଦଳେଇ ଅତିଥି ଭାବେ ଯୋଗଦେଇ ଭଜନ ସନ୍ଧ୍ୟାକୁ ଉଦଘାଟନ କରିଥିଲେ। କେଦାରଗୌରୀ ଦୃଷ୍ଟିହୀନ ଧନ୍ଦାମୂଳକ ତାଲିମ କେନ୍ଦ୍ର ଅନୁଗୋଳର ଅନ୍ତେବାସୀମାନେ ଭଜନ ପରିବେଷଣ କରିଥିଲେ। ଦେବୋତ୍ତର ସହାୟକ ନଗେନ ରାଉତ, ତ୍ରିନାଥ ସାହୁ ସହଯୋଗ କରିଥିଲେ।


ଢେଙ୍କାନାଳ ରଥଗଡ଼ାରେ ଠାକୁରଙ୍କ ସୁନାବେଶ।


ଆଠମଲ୍ଲିକ ଶ୍ରୀଜଗନ୍ନାଥ ମନ୍ଦିର ରଥଖଳାରେ ଠାକୁରଙ୍କ ସୁନାବେଶ।


ଅନୁଗୋଳ ଶୈଳଶ୍ରୀକ୍ଷେତ୍ରରେ ବଡ଼ଠାକୁର ବଳଭଦ୍ରଙ୍କ ସୁନାବେଶ।


ସୁନାବେଶରେ ଦର୍ଶନ ଦେଉଛନ୍ତି ଦେବୀ ସୁଭଦ୍ରା


ଶ୍ରଦ୍ଧାଳଙ୍କୁ ଦର୍ଶନ ଦେବାକୁ ସୁବର୍ଣ୍ଣରେ ସଜେଇ ହୋଇଛନ୍ତି ମହାପ୍ରଭୁ।

# 'ନିରନ୍ତର ଅଭ୍ୟାସ ଦ୍ୱାରା ସଫଳତା ମିଳିଥାଏ'

**ଢେଙ୍କାନାଳ ଅଫିସ,୧୦।୭**

ଢେଙ୍କାନାଳ ଜିଲା ଯୋଗ ସମିତିର ସାଧାରଣ ପରିଷଦ ବୈଠକ ସହରସ୍ଥିତ ପିପାର ସମ୍ମିଳନୀ କକ୍ଷରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଯୋଗ ସମିତି ସଭାପତି ପ୍ରଳୟ ଦାସ ଏଥିରେ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଉଦୟ କୁମାର ମହାପାତ୍ର ଯୋଗଦେଇ ରୋଗମୁକ୍ତ ଶରୀର ପାଇଁ ଯୋଗର ଆବଶ୍ୟକତା ରହିଛି, କିନ୍ତୁ ନିରନ୍ତର ଅଭ୍ୟାସ ଜାରି ରଖିଲେ ସଫଳତା ମିଳିଥାଏ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ରାସୋଳ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଦୟାନିଧି ପୃଷ୍ଟି, ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ଶାରୀରିକ ଶିକ୍ଷା ନିରୀକ୍ଷକ ଜ୍ୟୋତି ପ୍ରକାଶ ପରିଡା ପିଲାମାନଙ୍କ ପାଇଁ ଯୋଗର ଉପକାରିତା ସମ୍ପର୍କରେ କହିଥିଲେ। ଯୋଗଗୁରୁ ସୁଶୀଲ କୁମାର ନନ୍ଦ ଯୋଗ ଚିକିତ୍ସା ପଦ୍ଧତି ଉପରେ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୋଗ ବିଶାରଦ ଡ. ପରେଶ ମିଶ୍ର, ପତଞ୍ଜଳି ଯୋଗସୂତ୍ର ଓ ପରାମର୍ଶଦାତା ପୀତବାସ ସାହୁ ପ୍ରାକୃତିକ ଚିକିତ୍ସା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଅତିଥି ମାନେ ଜିଲାର ବିଭିନ୍ନ ପ୍ରାନ୍ତରରୁ ଆସିଥିବା ଯୋଗ ସାଧିକା ଓ ସାଧକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପରେ ଯୋଗ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ପ୍ରଳୟ ଦାସ, ଉପସଭାପତି ଭାବେ ଚିନ୍ତାମଣି ନାଥ, ସମ୍ପାଦକ ଭାବେ ଦୀପ୍ତିରଞ୍ଜନ ପଣ୍ଡା, ସହ ସମ୍ପାଦକ ଭାବେ ସସ୍ମିତା ମହାନ୍ତି, କୋଷାଧ୍ୟକ୍ଷ ଭାବେ ଚିତ୍ତରଞ୍ଜନ ପଟ୍ଟନାୟକ ଏବଂ ସଦସ୍ୟ ଭାବେ ସୂର୍ଯ୍ୟକାନ୍ତ ଦେହୁରୀ, ସତ୍ୟଭାମା ପାଣିଗ୍ରାହୀ, ବଳରାମ ସାହୁ ଓ ମୋନାଲିସା ସାହୁ ପ୍ରମୁଖଙ୍କୁ ଚୟନ କରାଯାଇଥିଲା। ସଂଯୋଜକ ଅଶ୍ୱିନୀ କୁମାର ପତି କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସମ୍ପାଦକ ଦୀପ୍ତିରଞ୍ଜନ ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ। ଢେଙ୍କାନାଳ କୁଞ୍ଜକାନ୍ତଠାରେ ଆସନ୍ତା ଗୁରୁପୂର୍ଣ୍ଣିମାଠାରୁ ମହିମା ଯୋଗ ବିଦ୍ୟାଳୟ ନାମରେ ଏକ ବିଦ୍ୟାଳୟ ଆରମ୍ଭ ହେଉଥିବା ସୂଚନା ଦିଆଯାଇଥିଲା।



ଢେଙ୍କାନାଳ ଯୋଗ ସମିତିର କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ ଅତିଥିଙ୍କ ସହ କର୍ମକର୍ତ୍ତାମାନେ।

# ଯତ୍ନ ନେବାକୁ ପରାମର୍ଶ



ବନ ମହୋତ୍ସବ କାର୍ଯ୍ୟକ୍ରମ ଅବସରରେ ଉପସ୍ଥିତ ଅତଥିମାନେ।

**ଛେଣ୍ଡିପଦା,୧୦।୭(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ କୋଶଳା ଉଚ୍ଚବିଦ୍ୟାଳୟ ପରିସରରେ ଗୁରୁବାର ୭୩ତମ ବନମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ଅତିଥି ଓ ଛାତ୍ରୀଛାତ୍ରଙ୍କ ଦ୍ୱାରା ଔଷଧୀୟ ଚାରା ରୋପଣ ସହିତ ଓପନ କୁଇଜ ପ୍ରତିଯୋଗିତା ଓ ସଚେତନତା ସଭା ଆୟୋଜିତ ହୋଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଭାଲେଣ୍ଟିନା ଦାସ ସଭାପତିତ୍ୱ କରିଥିଲେ। ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି ଏବଂ କୋଶଳା ଜୈବ ବିବିଧତା ପରିଚାଳନା ସମିତିର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଚାରା ରୋପଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦା ବ୍ଲକ ଅଧକ୍ଷା ସୁମିତ୍ରା ସାହୁ ଓ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ଜିଲାପରିଷଦ ସଦସ୍ୟ ପ୍ରଦୀପ କୁମାର ସାହୁ, ବନ୍ୟଜୀବନ ସମିତି ସମ୍ପାଦକ ପ୍ରସନ୍ନ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ପ୍ରତ୍ୟେକ ଛାତ୍ରୀଛାତ୍ର ଚାରା ରୋପଣ କରି ତାହାର ଯତ୍ନ ନେବାକୁ ଶପଥ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ସହକାରୀ ଶିକ୍ଷୟିତ୍ରୀ ଓ ଶିକ୍ଷକ ସହଯୋଗ କରିଥିଲେ। ବନ୍ୟଜୀବନ ସମିତି ସଂଯୋଜକ ଯଶୋବନ୍ତ ସାହୁ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।

# ବିଭୋର କଲା ମୋ କଳା ଚାନ୍ଦରେ...

**ଢେଙ୍କାନାଳ ଅଫିସ,୧୦।୭**

ଢେଙ୍କାନାଳ ରଥଗଡାଠାରେ ବାହୁଡ଼ାଯାତ୍ରା ଭଜନ ସମାରୋହର ଦ୍ୱିତୀୟ ସନ୍ଧ୍ୟା ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ସଂସ୍କୃତି ଅଧିକାରୀ ପ୍ରିୟମ୍ବଦା ବେହେରା ଓ ଗଣେଶ ବଜାର ପୂଜା କମିଟି ସଭାପତି ବସନ୍ତ ସାହୁ ଯୋଗ ଦେଇଥିଲେ। ସମ୍ପାଦକ ବିଶ୍ୱନାଥ ବେହେରା ବିବରଣୀ ପ୍ରଦାନ କରିଥିଲେ। ଉପସଭାପତି ସତ୍ୟ ସ୍ୱରୂପ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠାନର ଅନ୍ୟତମ ଉପସଭାପତି ବିନୋଦ ମହାନ୍ତି, ଅଥୟ କୁମାର ସାହୁ ଓ ନୃସିଂହ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଜୁନିୟର ବିଭାଗରେ ହୋଇଥିବା ଭଜନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଦ୍ୱିତୀୟ ସନ୍ଧ୍ୟାରେ ଓଡ଼ିଶାର ବିଶିଷ୍ଟ କଣ୍ଠଶିଳ୍ପୀ ପ୍ରଫୁଲ୍ଲ କୁମାର ବେହେରାଙ୍କ କଣ୍ଠରେ ମୋ କଳା ଚାନ୍ଦରେ..ଭଜନ ଶ୍ରୋତାଙ୍କୁ ବିଭୋର କରିଥିଲା। ଅନ୍ୟମାନଙ୍କ ମଧ୍ୟରେ କଣ୍ଠଶିଳ୍ପୀ ପ୍ରଶାନ୍ତ କୁମାର ପାଢୀ, ପ୍ରଜ୍ଞା ଓ ଦୀପ୍ତିମୟୀ ଭଜନ ପରିବେଷଣ କରିଥିଲେ। ଭଜନ କାର୍ଯ୍ୟକ୍ରମକୁ ଲକ୍ଷ୍ମୀକାନ୍ତ ସାହୁ ସଂଯୋଜନା କରିଥିଲେ।


ବାହୁଡାଯାତ୍ରା ଭଜନ ସମାରୋହରେ କଣ୍ଠଶିଳ୍ପୀମାନେ।

# ସମନ୍ୱୟ ଅଭାବରୁ ହୋଇପାରୁନି ସାମାଜିକ କାର୍ଯ୍ୟ

**ଢେଙ୍କାନାଳ ଅଫିସ,୧୦।୭**

- ଏଯାଏ କାର୍ଯ୍ୟକ୍ଷମ ହେଲାନି ନୂତନ ଅଡିଟୋରିୟମ
- ସାଢ଼େ ୩ କୋଟି ଟଙ୍କା ଖର୍ଚ୍ଚର ମୂଲ୍ୟ ମିଳୁନି
- ଉଦ୍‌ଘାଟନର ୮ ମାସ ପରେ ବି ତତ୍ପରତା ନାହିଁ

ଢେଙ୍କାନାଳ ପୌରସଂସ୍ଥା ପକ୍ଷରୁ ପ୍ରାୟ ସାଢ଼େ ୩ କୋଟି ଟଙ୍କା ବ୍ୟୟରେ ଏକ ଅଡିଟୋରିୟମ ନିର୍ମାଣ କରାଯାଇଥିଲା। ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ନିକଟରେ ନିର୍ମିତ ଏହି ନୂତନ ଅଡିଟୋରିୟମକୁ ୮ ମାସ ତଳେ ଉଦ୍‌ଘାଟନ ମଧ କରାଯାଇଥିଲା। ହେଲେ ପୌର ପରିଷଦ ଓ ବିଦ୍ୟୁତ୍ ବିଭାଗ ମଧ୍ୟରେ ଉପଯୁକ୍ତ ସମନ୍ୱୟ ଅଭାବରୁ ଉକ୍ତ ଅଡିଟୋରିୟମ ଏଯାଏ କାର୍ଯ୍ୟକ୍ଷମ ହୋଇପାରି ନାହିଁ। ଏପରି କି ଏ ଦିଗରେ ପୌର ପରିଷଦ ପକ୍ଷରୁ ତତ୍ପରତା ପ୍ରକାଶ ପାଉ ନ ଥିବାରୁ ଏଠାରେ ବିଭିନ୍ନ ସାମାଜିକ କାର୍ଯ୍ୟ କରାଯାଇପାରୁ ନାହିଁ।

ପ୍ରକାଶ ଯେ, ଢେଙ୍କାନାଳ ପୌରସଂସ୍ଥା ପକ୍ଷରୁ ନିର୍ମାଣ କରାଯାଇଥିବା ଏହି ଅଡିଟୋରିୟମରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ସଭା ସମିତି ସହ ବିବାହ, ବ୍ରତଘର, ସାମାଜିକ କାର୍ଯ୍ୟ ଆଦି କରାଯିବାର ସୁବିଧା ରହିଛି। ଗତ ଡିସେମ୍ବର ମାସରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଜିଲାର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ ବେଳେ ଏହି ଅଡିଟୋରିୟମକୁ ଉଦ୍‌ଘାଟନ କରାଯାଇଥିଲା। କିନ୍ତୁ ଆଜି ପର୍ଯ୍ୟନ୍ତ ଏହା ଭିତରେ ବିଭିନ୍ନ ନିର୍ମାଣ କାର୍ଯ୍ୟ ଶେଷ ହୋଇପାରି ନାହିଁ। ଟ୍ରାନ୍ସଫର୍ମର ଲାଗିପାରୁ ନ ଥିବାରୁ ବିଦ୍ୟୁତ୍ ସଂଯୋଗ ହୋଇ ନାହିଁ। ପୌରସଂସ୍ଥା ଓ ବିଦ୍ୟୁତ୍ ବିଭାଗ ମଧ୍ୟରେ ତାଳମେଳ ରହୁ ନ ଥିବାରୁ ଏହି ନୂତନ ପ୍ରକଳ୍ପର ଉଦ୍ଦେଶ୍ୟ ପୂରଣ ହୋଇପାରୁ ନାହିଁ। ଏ ସମ୍ପର୍କରେ ପୌରଯନ୍ତ୍ରୀ ରଶ୍ମିତା ମିଶ୍ର କହିଛନ୍ତି, ଅଡିଟୋରିୟମର ପ୍ରାୟ ସମସ୍ତ କାର୍ଯ୍ୟ ସରିଛି। କେବଳ ଟ୍ରାନ୍ସଫର୍ମର ବସି ବିଦ୍ୟୁତ୍ ଚାର୍ଜ କରାଯିବା ବାକି ରହିଛି। ଏଥିପାଇଁ ବିଦ୍ୟୁତ୍ ବିଭାଗକୁ ଜଣାଇ ଦିଆଯାଇଛି। ଏହା ହୋଇଯିବା ପରେ ଅଡିଟୋରିୟମ କାର୍ଯ୍ୟକ୍ଷମ ହେବ।



ଢେଙ୍କାନାଳ ଆର୍‌ଟିଓ ଅଫିସ ନିକଟରେ ନିର୍ମିତ ନୂତନ ଅଡିଟୋରିୟମ।

# ନର୍ସିଂ ଷ୍ଟାଫ୍‌ଙ୍କୁ ରୋଗୀ ସମ୍ପର୍କୀୟଙ୍କ ମାଡ଼


ଧାରଣାରେ ବସିଥିବା ନର୍ସିଂ କର୍ମଚାରୀମାନେ।

- ଜିଲା ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା
- ନର୍ସିଂ କର୍ମଚାରୀମାନେ ଧାରଣାରେ ବସିଲେ

**ଢେଙ୍କାନାଳ ଅଫିସ,୧୦।୭**

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ବିଏସ୍‌ସି ଓ ଜିଏନ୍‌ଏମ୍ ନର୍ସିଂ ଷ୍ଟାଫଙ୍କୁ ରବିବାର ଅପରାହ୍ନରେ ଜଣେ ରୋଗୀଙ୍କ ସମ୍ପର୍କୀୟମାନେ ମାଡ ମାରିଥିବା ଅଭିଯୋଗ ହୋଇଛି। ଏହି ଘଟଣାର ପ୍ରତିବାଦରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ବହୁ ସଂଖ୍ୟାରେ ନର୍ସିଂ ଷ୍ଟାଫ୍ ଓପିଡି ଗେଟରେ ତାଲା ପକାଇ ଧାରଣା ଦେବା ସହିତ ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ପ୍ରକାଶ ଯେ, ଜ୍ୱରରେ ପୀଡିତ ଜଣେ ରୋଗୀ ଗୁରୁତର ହେବାରୁ ଡାକ୍ତରମାନେ ତାଙ୍କୁ କଟକ ନେଇଯିବାକୁ ସମ୍ପର୍କୀୟମାନଙ୍କୁ ପରାମର୍ଶ ଦେଇଥିଲେ। ରୋଗୀଙ୍କୁ କଟକ ସ୍ଥାନାନ୍ତର କରିବା ସମୟରେ ତାଙ୍କ ସମ୍ପର୍କୀୟମାନେ ଚିକିତ୍ସାଳୟର ବେଡ୍‌ଶିଟକୁ ନେଇଯାଉଥିବା ବେଳେ ନର୍ସିଂଷ୍ଟାଫମାନେ ବାରଣ କରିଥିଲେ। ଏଥିରେ ରାଗିଯାଇ ରୋଗୀଙ୍କ ସମ୍ପର୍କୀୟମାନେ ନର୍ସିଂଷ୍ଟାଫ୍ ରାସବିହାରୀ ମିଶ୍ର ଓ ଅଙ୍କିତ କରଙ୍କୁ ଗାଳିଗୁଲଜ କରିବା ସହିତ ମାଡମାରି ଫେରାର ହୋଇଯାଇଥିଲେ। ଏହି ଘଟଣାର ପ୍ରତିବାଦରେ ନର୍ସିଂ କର୍ମଚାରୀମାନେ ଧାରଣା ଦେବା ସହ କର୍ତ୍ତବ୍ୟରତ କର୍ମଚାରୀଙ୍କୁ ସୁରକ୍ଷା ଓ ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଖବରପାଇ ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା. ଜୟକୃଷ୍ଣ ନାୟକ ଓ ଟାଉନଥାନା ଅଧିକାରୀ ରାଜେନ୍ଦ୍ର ମହାପାତ୍ର ପହଞ୍ଚି ବୁଝାଶୁଝା କରିଥିଲେ। ଏ ସଂକ୍ରାନ୍ତରେ ଅତିରିକ୍ତ ଜିଲା ଚିକିତ୍ସାଧିକାରୀ କହିଛନ୍ତି, ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସକୁ ଜଣାଯାଇଛି। କର୍ତ୍ତବ୍ୟରତ କର୍ମଚାରୀ ଓ ରୋଗୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଚିକିତ୍ସାଳୟରେ ଏକ ଫାଣ୍ଡି ପ୍ରତିଷ୍ଠା ପାଇଁ ରାଜ୍ୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇ ଦିଆଯାଇଛି।

# ‘ବନୀକରଣ ଏକମାତ୍ର ଉପାୟ’


ବଚପନ ପ୍ଲେ ସ୍କୁଲ ପରିସରରେ ଚାରା ରୋପଣ କରାଯାଉଛି।

**ଅନୁଗୋଳ ଅଫିସ,୧୦।୭**

ରୋଟାରି କ୍ଲବ ଅନୁଗୋଳ ରୟାଲ ଏବଂ ବଚପନ ସ୍କୁଲ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ବଚପନ ପ୍ଲେ ସ୍କୁଲ ପରିସରରେ ଗୁରୁବାର ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସବୁଜ ବଳୟର ସୁରକ୍ଷା ଏବେ ବିଶ୍ୱ ସମୁଦାୟର ଚିନ୍ତା ବଢ଼ାଇଛି। ଏଥିରୁ ମୁକୁଳିବାର ଏକମାତ୍ର ଉପାୟ ହେଉଛି ବ୍ୟାପକ ବନୀକରଣ ବୋଲି କ୍ଲବ ସଭାପତି ହର ଗୋବିନ୍ଦ ମହାପାତ୍ର କହିଥିଲେ। ବଚପନ ସ୍କୁଲର ନିଖାର ଅଲୀ ଦାମାନି ସମସ୍ତଙ୍କୁ ଚାରା ଲଗାଇବା ପାଇଁ ଅନୁରୋଧ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଇଭାଲୀନ ରଥ, ଉପସ୍ଥିତ ଶିକ୍ଷୟିତ୍ରୀ, କର୍ମଚାରୀ ଗଣ ଚାରା ରୋପଣରେ ସହାୟତ କରିଥିଲେ। ଏହି ଅବସରରେ ସ୍କୁଲ ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସମ୍ପାଦକ ଜୟ ପ୍ରକାଶ ମୋଦି, ଅଶୋକ ମାଣ୍ଡୋଠିଆ, ବିକାଶ ମୋଦି, ମୁରାରୀ ଲାଲ ଅଗ୍ରୱାଲ, ଅମ୍ବିକା ସାହୁ, ରାଜେଶ ସରଳିଆ, ମିଳନ କୁମାର ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### କୁମ୍ଭୀର ଟାଣି ନେଇଥିବା ବ୍ୟକ୍ତିଙ୍କ ମୃତଦେହ ମିଳିଲା

**ଭଦ୍ରକ ଅଫିସ, ୧୦।୭:** ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ କାଁପଡା ପଞ୍ଚାୟତ ବାରଣାକୂଳ ଗାଁର ବୁଦ୍ଧିରାମ ମଳିକ(୫୫) ଶନିବାର ଅପରାହ୍ନରେ ନଦୀରେ ଧୋଇ ହେଉଥିବା ବେଳେ କୁମ୍ଭୀର ଟାଣି ନେଇଥିଲା। ଚାନ୍ଦବାଲି ଓ ଧାମନଗର ବନ ବିଭାଗ, ଦମକଳ ବାହିନୀ ମିଳିତ ଭାବେ ଖୋଜାଖୋଜି କରିବା ପରେ ରାତି ପ୍ରାୟ ୨ଟା ବେଳେ ବୁଦ୍ଧିରାମଙ୍କ ମୃତଦେହ ମିଳିଥିଲା। କୁମ୍ଭୀର ତାଙ୍କ ଡାହାଣ ହାତ ଓ ଗୋଡ଼କୁ ଖାଇ ଦେଇଥିଲା। ତିହିଡ଼ି ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ରବିବାର ପୂର୍ବାହ୍ନରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏନେଇ ଥାନାରେ ଅପମୃତ୍ୟୁ ମାମଲା(ନଂ.୨୪/୨୨) ରୁଜୁ କରାଯାଇଛି। ସୂଚନାଯୋଗ୍ୟ, ବୁଦ୍ଧିରାମ ବିଲରୁ ଫେରି ଗେଙ୍ଗୁଟି-ନାଳିଆର ଶାଖା ନଈ ହୀରାଖାଇରେ ଧୋଇ ହେଉଥିଲେ। ଏହି ସମୟରେ ନଈ ମଧ୍ୟରୁ ଏକ କୁମ୍ଭୀର ଆସି ତାଙ୍କୁ ଟାଣି ନେଇଯାଇଥିଲା। ପାଖରେ କାମ କରୁଥିବା ଲୋକେ ଦେଖି ସ୍ଥାନୀୟ ପୋଲିସ ଓ ତହସିଲ ପ୍ରଶାସନକୁ ଖବର ଦେବା ସହ ଏକ ବୋଟ୍ ଦ୍ୱାରା ତାଙ୍କୁ ଖୋଜାଖୋଜି କରିଥିଲେ।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଳିଗଲେ ଯୁବକ

**ଉଦଳା,୧୦।୭ (ଡି.ଏନ.ଏ.):** ଘର ଉପରେ ଲାଗି ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଯୁବକ ଜଳିଯାଇଛନ୍ତି। ଶନିବାର ସନ୍ଧ୍ୟାରେ ଏଭଳି ଅଭାବନୀୟ ଘଟଣା ଘଟଣା ଘଟିଛି ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ଖୁଣ୍ଟାପାଳ ଗ୍ରାମରେ। ମୃତକ ହେଲେ ଦିନା କାରଜୀ। ସୂଚନା ଅନୁଯାୟୀ, ସନ୍ଧ୍ୟାରେ ବର୍ଷା ହେବାରୁ ଦିନାଙ୍କ ଘର ଛାତରୁ ପାଣି ଗଳୁଥିଲା। ସେ ଏକ ବାଉଁଶ ନେଇ ଛାତ ଉପରେ ପଲିଥିନ ପକାଉଥିଲେ। ଏହି ସମୟରେ ଛାତକୁ ଲାଗି ଯାଇଥିବା ୧୧ କେଭି ତାର ସଂସ୍ପର୍ଶରେ ସେ ଆସିଥିଲେ। ବିଦ୍ୟୁତ୍ ତାର ଲାଗି ସେ ସେଠାରେ ଜଳିଯାଇଥିଲେ। ତାଙ୍କ ଛାତି ଜଳିଯାଇଥିବା ବେଳେ ସ୍ଥାନୀୟ ଲୋକେ ଦେଖି ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ଦିନାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରବିବାର ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ତୁରନ୍ତ ୧୧ କେଭି ବିଦ୍ୟୁତ୍‌କାଟ କରିବା ନିମନ୍ତେ କପ୍ତିପଦା ବିଦ୍ୟୁତ୍ ବିଭାଗକୁ ଫୋନ କଲ୍ କରିଥିଲେ। କେହି ଫୋନ ଉଠାଇ ନ ଥିବା ଏବଂ ଘରକୁ ଲାଗି ଏହି ବିଦ୍ୟୁତ୍ ତାର ଯାଇଥିବାରୁ ଏଭଳି ଅଘଟଣ ଘଟିଲା। ବିଭାଗର ଅବହେଳା ପାଇଁ ଦିନାଙ୍କ ଜୀବନ ଯାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

### ପୋଖରୀରୁ ମିଳିଲା ମୃତଦେହ

**ପାଟଣା,୧୦।୭(ସ୍ୱ. ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକ ଖିରେଇଟାଙ୍ଗିରି ପଞ୍ଚାୟତ ବାଘିଆ ଟାଙ୍ଗିରି ସାହିର ଏକ ପୋଖରୀରୁ ରବିବାର ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ସେ ହେଲେ ଉକ୍ତ ଗ୍ରାମର ତ୍ରିଲୋଚନ ନାଏକ। ସୂଚନା ଅନୁଯାୟୀ, ତ୍ରିଲୋଚନ ଶନିବାର ଗାଁ ହାଟକୁ ଯାଇ ନିଖୋଜ ହୋଇଥିଲେ। ସେ ଶୌଚ ପାଇଁ ଯାଇ ପାଣିରେ ବୁଡ଼ି ମୃତ୍ୟୁବରଣ କରିଥିବା ସ୍ଥାନୀୟ ଲୋକେ ଅନୁମାନ କରୁଛନ୍ତି। ଗାଁ ପୋଖରୀରେ ତାଙ୍କ ମୃତଦେହ ଭାସୁଥିବା ଦେଖି ପରିବାର ଲୋକେ ଥାନାକୁ ଖବର ଦେଇଥିଲେ। ତୁରୁମୁଙ୍ଗା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

# ସାଇ ମନ୍ଦିର ପ୍ରାଙ୍ଗଣରେ ଚାରାରୋପଣ

**ଢେଙ୍କାନାଳ ଅଫିସ,୧୦।୭**

ଢେଙ୍କାନାଳ ଶ୍ୟାମାଚରଣପୁରସ୍ଥିତ ସାଇ ମନ୍ଦିର ପ୍ରାଙ୍ଗଣରେ ରବିବାର ଇନରହ୍ୱିଲ କ୍ଲବ କପିଳାସ ପକ୍ଷରୁ ଚାରା ରୋପଣ କରାଯାଇଛି। ଏହି ଅବସରରେ କ୍ଲବ ପକ୍ଷରୁ ପିସ୍ତାବାଦାମ, ଅଁଳା, ଜାମୁ, କୃଷ୍ଣଚୂଡା, ନିମ୍ବ ଆଦି ଗଛର ଚାରା ରୋପଣ କରାଯାଇଥିଲା। କ୍ଲବ ଅଧକ୍ଷା ଦୀପ୍ତିବାଳା ମିଶ୍ରଙ୍କ ତତ୍ତ୍ୱାବଧାନରେ ସମ୍ପାଦକ ପୁଷ୍ପଲତା ମିଶ୍ର, ପ୍ରିୟତମା ମିଶ୍ର, ପ୍ରଭାମୟୀ ପାଢୀ, ସ୍ୱପ୍ନା ଆଚାର୍ଯ୍ୟ, ତିଲୋତ୍ତମା ଚୌଧୁରୀ, ଆନନ୍ଦିତା ମିଶ୍ର ଏବଂ ଅନ୍ୟ ସଭ୍ୟାମାନେ ବିଭିନ୍ନ ଉପାଦେୟ ଗଛର ଚାରା ରୋପଣ କରିଥିଲେ।



ଇନରହ୍ୱିଲ କ୍ଲବ କପିଳାସ ପକ୍ଷରୁ ଚାରାରୋପଣ କରାଯାଉଛି।

# ଚାରା ରୋପଣର ଉପକାରିତା ଜାଣିଲେ ଛାତ୍ରୀଛାତ୍ର



ଚାରା ରୋପଣ କାର୍ଯ୍ୟକ୍ରମ ଅବସରରେ ଛାତ୍ରୀଛାତ୍ରମାନେ।

**ଛେଣ୍ଡିପଦା,୧୦।୭(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ମହିତଳାସ୍ଥିତ ଡିଏଭି ସାବିତ୍ରୀ ଜିନ୍ଦଲ ଉଚ୍ଚବିଦ୍ୟାଳୟ ପରିସରରେ ବନମହୋତ୍ସବ ଅବସରରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଫକୀର ମୋହନ ସାହୁ ଚାରା ରୋପଣର ଉପକାରିତା ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରାଇଥିଲେ। ଏହାପରେ ସମସ୍ତ ଛାତ୍ରୀଛାତ୍ର ଚାରା ରୋପଣ କରିଥିଲେ। ବିଜ୍ଞାନଶିକ୍ଷକସୂର୍ଯ୍ୟକାନ୍ତବରାଳଚାରାର ଯତ୍ନ ବିଷୟରେ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରାଇଥିଲେ। ଆମ୍ବ, ପଣସ, ଚନ୍ଦନ, ତୁଳସୀ, ଅଶ୍ୱତ୍ଥ ଆଦି ଚାରା ରୋପଣ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ, ସ୍ଲୋଗାନ, ରଚନା, ପ୍ରବନ୍ଧ ଆଦି ପ୍ରତିଯୋଗିତା କରାଯାଇ ପୁରସ୍କାର ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଓ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# ସମାଜ ସେବାରେ ଆଗେଇ ଚାଲିବାକୁ ପରାମର୍ଶ

**ଢେଙ୍କାନାଳ ଅଫିସ,୧୦।୭**

ଢେଙ୍କାନାଳରେ ଇଦ୍-ଉଜ୍-ଜୁହା ପାଳିତ

ଢେଙ୍କାନାଳ ସହରରେ ରବିବାର ଇଦ୍-ଉଜ୍-ଜୁହା ପର୍ବ ପାଳିତ ହୋଇଯାଇଛି। ସହରସ୍ଥିତ ମୀନାବଜାରଠାରେ ଥିବା ଜାମା ମସଜିଦ୍, କାଞ୍ଚନ ବଜାରସ୍ଥିତ ମୋତି ମସଜିଦ୍, ଗୁଡିଆନାଳୀଠାରେ ଥିବା ଆଜମ୍ ମସଜିଦ୍‌ରେ ସକାଳେ ସମୂହ ନମାଜ ପାଠ ହୋଇଥିଲା। ଏହି ଅବସରରେ ମୁସଲମାନ ଭଉଣୀ ଭାଇମାନେ ନୂତନ ଡ୍ରେସ୍ ପରିଧାନ କରି ପରସ୍ପରକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଏଥିସହିତ ନିଜର ବନ୍ଧୁ, ପରିବାର ଓ ପ୍ରିୟଜନଙ୍କ ସହ ଏକାଠି ବସି ଭୋଜନ କରିଥିଲେ। ସେହିପରି ଓଡାପଡା ବ୍ଲକ ଗୁଣ୍ଡିଚାପଡାଠାରେ ଅହମ୍ମଦିଆ ମୁସଲିମ ଜାମେ ମସଜିଦ୍‌ଠାରେ ତ୍ୟାଗ ଓ ବଳିଦାନର ପର୍ବ ଇଦ୍-ଉଜ୍-ଜୁହା ପାଳିତ ହୋଇଯାଇଛି। ଏହି ଅବସରରେ ଅହମ୍ମଦିଆ ମୁସଲିମ ପକ୍ଷରୁ ମୌଲବୀ ଲିଆକତ ଅଲ୍ଲୀ ଖାଁ ଇଦ୍ ନମାଜ ପାଠ କରାଇବା ସହିତ ଧର୍ମ ଉପଦେଶ ଦେଇ ପର୍ବର ମହାନ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଧର୍ମପରାୟଣ ହୋଇ ସମାଜ ସେବାରେ ଆଗେଇ ଚାଲିଲେ ବଳିଦାନର ଏହି ମହାନ ପର୍ବର ପ୍ରକୃତ ଉଦ୍ଦେଶ୍ୟ ପୂରଣ ହେବ ବୋଲି ସେ କହିଥିଲେ। ଗୁଣ୍ଡିଚାପଡା ଅହମ୍ମଦିଆ ମୁସଲିମ ସଙ୍ଗଠନର ସଭାପତି ସୁଲେମାନ ଅଲ୍ଲୀ ଖାଁ, କୋଷାଧକ୍ଷ ଆୟୁବ ଖାଁ, ତୋରାବ ଖାଁ, ଅବଦୁଲ ବାରିକ, ଅହମ୍ମଦିଆ ଯୁବ ସଙ୍ଗଠନର ଅଧକ୍ଷ ମହମୁଦ ଖାଁ ପ୍ରମୁଖ ପର୍ବକୁ ପାଳନ କରିବା ସହ ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ।


ଢେଙ୍କାନାଳ ସହରରେ ଇଦ୍-ଉଜ୍-ଜୁହା ଅବସରରେ ଶୁଭେଚ୍ଛା ଜଣାଯାଉଛି।


ଗୁଣ୍ଡିଚାପଡାଠାରେ ଇଦ୍-ଉଜ୍-ଜୁହା ପାଳନ କରାଯାଉଛି।

# ପରିବେଶ ରକ୍ଷା ପାଇଁ ଶପଥ ପାଠ

**ମାଧପୁର,୧୦।୭**

ଆଠମଲ୍ଲିକ ବ୍ଲକ ମାଧପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଏନର୍ଜି କ୍ଲବ ତରଫରୁ ଚାଲିଥିବା ବନମହୋତ୍ସବ ସପ୍ତାହ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ସପ୍ତାହବ୍ୟାପୀ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସପ୍ତାହ ସାରା ବିଦ୍ୟାଳୟ ତରଫରୁ ପ୍ରବନ୍ଧ, ବିଭିନ୍ନ ପ୍ରତିଯୋଗିତା ଏବଂ ବିଭିନ୍ନ ସ୍ଥାନରେ ଚାରା ରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଅବସରରେ ଶିକ୍ଷୟିତ୍ରୀଶିକ୍ଷକ, କର୍ମଚାରୀ ଏବଂ ଛାତ୍ରୀଛାତ୍ରମାନେ ଚାରା ରୋପଣ କରି ପରିବେଶକୁ ରକ୍ଷା କରିବା ପାଇଁ ଶପଥ ପାଠ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜୟନ୍ତ ମାହାର ଏଥିରେ ଅଧ୍ୟକ୍ଷତା କରିଥିଲେ। ବିଭାଗୀୟ ସଂଯୋଜକ ଶରତ କୁମାର ସାହୁ, ରମାବତୀ ସାହୁ, ଶିକ୍ଷକ ହିମାଂଶୁ ସାହୁ ପ୍ରମୁଖ ସହଯୋଗ କରିଥିଲେ।



ଛାତ୍ରୀଛାତ୍ରମାନେ ସଚେତନତା ବାର୍ତ୍ତା ପ୍ରଦାନ କରୁଛନ୍ତି।

# ଚାରା ରୋପଣ ସହ ୬୬ ୟୁନିଟ୍ ରକ୍ତ ସଂଗ୍ରହ

**ଛେଣ୍ଡିପଦା,୧୦।୭(ସ୍ୱ.ପ୍ର)**

ଛେଣ୍ଡିପଦା ବ୍ଲକ ବିଜେଡି ପକ୍ଷରୁ ପାତ୍ରପଡା ପଞ୍ଚାୟତ ଗଡମଣ୍ଡଳଠାରେ ରବିବାର ଜୀବନବିନ୍ଦୁ କାର୍ଯ୍ୟକ୍ରମରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଏବଂ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଯୁବ ବିଜେଡି ସଭାପତି ଆଶିଷ କୁମାର ପ୍ରଧାନଙ୍କ ନେତୃତ୍ୱରେ ଗଡମଣ୍ଡଳ ଉଚ୍ଚବିଦ୍ୟାଳୟ ପରିସରରେ ଆୟୋଜିତ ରକ୍ତଦାନ ଶିବିରରେ ମୁଖ୍ୟଅତିଥି ଭାବେ ବିଧାୟକ ସୁଶାନ୍ତ କୁମାର ବେହେରା ଯୋଗ ଦେଇଥିଲେ। ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀର ଯୁବ ବିଜେଡି ଉପସଭାପତି ସତ୍ୟବ୍ରତ ଦେହୁରୀଙ୍କ ତତ୍ତ୍ୱାବଧାନରେ ୬୬ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ଜିଲା ଯୁବ ବିଜେଡି ସଭାପତି ଦିନେଶ ପ୍ରଧାନ, ଜିଲାପରିଷଦ ସଭ୍ୟ ପ୍ରଦୀପ କୁମାର ସାହୁ, ନଗେନ୍ଦ୍ର ପ୍ରଧାନ, ବ୍ଲକ ଅଧକ୍ଷା ସୁମିତ୍ରା ସାହୁ, ଜଗବନ୍ଧୁ ସାହୁ, ବାସୁଦେବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ଗଡମଣ୍ଡଳସ୍ଥିତ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବିଧାୟକଙ୍କ ସମେତ ଅନ୍ୟ ଅତିଥିଙ୍କ ଦ୍ୱାରା ଔଷଧୀୟ ଚାରା ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗଡମଣ୍ଡଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ରବୀନ୍ଦ୍ର କୁମାର ଗଡନାୟକ, ଫର୍ମାସିଷ୍ଟ ମଦନମୋହନ ସାହୁଙ୍କ ସମେତ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ, ଫରେଷ୍ଟର ମହେଶ୍ୱର ପ୍ରଧାନ, ଗାର୍ଡ କମଳଲୋଚନ ପ୍ରଧାନଙ୍କ ସମେତ ବିଜେଡିର ବହୁ କର୍ମକର୍ତ୍ତା ଯୋଗ ଦେଇଥିଲେ।


ରକ୍ତଦାନ ଶିବିରରେ ବିଧାୟକଙ୍କ ସମେତ ଅନ୍ୟମାନେ।

# କେନ୍ଦ୍ର ଯୋଜନା ବିଷୟରେ ଅବଗତ କର

**ଢେଙ୍କାନାଳ ଅଫିସ,୧୦।୭**

ଭାଜପା କାର୍ଯ୍ୟକାରିଣୀ ବୈଠକ

ଢେଙ୍କାନାଳ ଜିଲା ଭାଜପା କାର୍ଯ୍ୟାଳୟଠାରେ ଜିଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କେନ୍ଦ୍ର ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା କରାଯାଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବାକୁ ଆହ୍ୱାନ ଦେଇଥିଲେ। ଜିଲାର ଚାଷୀ ସମସ୍ୟା, ମଣ୍ଡିର ଅବ୍ୟବସ୍ଥା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି ଓ ଅନିୟମିତତା, ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଅନ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ ହେତୁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ, ଆଇନ ଶୃଙ୍ଖଳା ଅବ୍ୟବସ୍ଥା ଉଦ୍‌ବେଗ ଜନକ, ଗଳିକନ୍ଦିରେ ଖୋଲାଖୋଲି ଭାବେ ଧଳା ଜହର ବେପାର, ହାତୀ ଉପଦ୍ରବ, ବିଦ୍ୟୁତ ବିତରକ କମ୍ପାନୀର ଦାଦାଗିରି, ଲଘୁ ଖଣିଜଜାତ ଦ୍ରବ୍ୟର ଚୋରା କାରବାର ବୃଦ୍ଧି ଆଦି ଏକ ୭ ଦଫା ରାଜନୈତିକ ଚିଠା ପ୍ରସ୍ତାବ ପାରିତ ହୋଇଥିଲା। ପୂର୍ବତନ ମନ୍ତ୍ରୀ ଅଞ୍ଜଳି ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶତ୍ରୁଘ୍ନ ଜେନା, ରାଜ୍ୟ ସମ୍ପାଦକ ସୀମାଞ୍ଚଳ ଥାଟୋଇ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଭୂତି ଭୂଷଣ ପ୍ରଧାନ, ଶତ୍ରୁଘ୍ନ ଜେନା, ନିରୋଜ ନଳିନୀ ମହାଳିକ, ଅଶୋକ ମହାନ୍ତି, ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ପାତ୍ର, ସଂଯୋଜକ ପ୍ରେମାନନ୍ଦ ଜେନା, ପୌର ଅଧକ୍ଷା ଜୟନ୍ତୀ ପାତ୍ର, ପରଜଙ୍ଗ ଭାଇସ ଚେୟାରମ୍ୟାନ ଯଶସ୍ୱିନୀ ରାଉତ, ରାଜ୍ୟ ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଦୀପକ କୁମାର ଗୋଚ୍ଛାୟତ, ଜିଲା ଉପସଭାପତି ବିଷ୍ଣୁପ୍ରସାଦ ଲେଙ୍କା, ସନାତନ ବେହେରା, ଭାରତୀ ସ୍ୱାଇଁ, ସମ୍ପାଦକ ସୁଶାନ୍ତ ପତି, ଅନୀତା ଦାସ, ଅବନୀକାନ୍ତ ପଟ୍ଟନାୟକ, କୋଷାଧକ୍ଷ ସଞ୍ଜୀବ ମହାପାତ୍ର, ବୁଦ୍ଧିଜୀବୀ ସେଲ ଆବାହକ ପ୍ରମୋଦ କୁମାର ନନ୍ଦ, ଜିଲା ଯୁବମୋର୍ଚ୍ଚା ସଭାପତି ଏମ.ଜେ. ମହିମା ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସାଧାରଣ ସମ୍ପାଦକ ରାସବିହାରୀ ବେହେରା ଅତିଥିଙ୍କୁ ସ୍ୱାଗତ ଓ ସାଧାରଣ ସମ୍ପାଦକ ରତିକାନ୍ତ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପସଭାପତି ମାତୃପ୍ରସାଦ ନନ୍ଦ ଧନ୍ୟବାଦ ପ୍ରସ୍ତାବ ଏବଂ ଜିଲା ମିଡିଆସେଲ ପ୍ରଭାରୀ ନବକିଶୋର ଗୁରୁ ରାଜନୈତିକ ଚିଠା ପ୍ରସ୍ତାବ ଆଗତ କରିଥିଲେ। ଜିଲା ସାଧାରଣ ସମ୍ପାଦକ ସୁନୀଲ ଶର୍ମା ଧନ୍ୟବାଦ ପ୍ରଦାନ କରିଥିଲେ।



ବୈଠକରେ କେନ୍ଦ୍ରମନ୍ତ୍ରୀଙ୍କ ସହ ଉପସ୍ଥିତ କର୍ମକର୍ତ୍ତାମାନେ।

